କୃଷିଋଣ ଯୋଗାଣରେ ରାଜ୍ୟ ସମାବାୟ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ଦୁର୍ନୀତି ହେବା ପ୍ରସଙ୍ଗରେ

# ଏଜିସିଏସ ଅଡିଟ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରନ୍ତୁ ରାଜ୍ୟ ସରକାର : ବିଜେପି

- **କେବଳ କାଗଜ କଲମରେ ଚାଷୀମାନଙ୍କୁ ଋଣ ଦିଆଯାଇଛି**
- **ଓଡିଶା ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କୁ ଅବସର ପରେ ମଧ୍ୟ ପୁନଃ ନିଯୁକ୍ତି ଦେବା ପାଇଁ କେଉଁ ଗଡଫାଦର ନିର୍ଦ୍ଦେଶ ଦେଇଥିଲେ ?**

**ଭୁବନେଶ୍ୱର, ତା ୦୮/୯ :** କେନ୍ଦ୍ର ସରକାର ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଋଣ ଅର୍ଥକୁ ରାଜ୍ୟସରକାରଙ୍କ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ବାଟମାରଣା କରିଚାଲିଛନ୍ତି । କେବଳ କାଗଜ କଲମରେ ଚାଷୀମାନଙ୍କୁ ଋଣ ଦିଆଯାଇଛି । ରାଜ୍ୟସରକାର ନାବାର୍ଡର ଅର୍ଥକୁ ହେରଫେର କରିଛନ୍ତି । ଏହା ରାଜ୍ୟ ସରକାରଙ୍କ କୃଷି ମାରଣ ନୀତିର ଆଉ ଏକ ନିଦର୍ଶନ ବୋଲି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସମବାୟ ବିଭାଗ ଦ୍ୱାରା ହୋଇଥିବାର ଦୁର୍ନୀତିକୁ ଶାସକ ଦଳର ପୂର୍ବତନ କୃଷି ମନ୍ତ୍ରୀ ଦାମ ରାଉତ ସ୍ପଷ୍ଟ କରିଛନ୍ତି । ସେହିପରି ସମବାୟ ବ୍ୟାଙ୍କ ଋଣରେ ୭୦୦ ରୁ ୮୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି । ଅଣଚାଷ ପାଇଁ କୋଟି କୋଟି ଟଙ୍କା ଋଣ ପ୍ରଦାନ କେବଳ କାଗଜ ପତ୍ରରେ ସୀମିତ ରହିଛି । ରାଜ୍ୟ ସମବାୟ ବିଭାଗ ଅଧିନରେ ଥିବା ରାଜ୍ୟ ସମବାୟ ବ୍ୟାଙ୍କଗୁଡିକ କେନ୍ଦ୍ରୀୟ ସଂସ୍ଥା ନାବାର୍ଡରୁ ଚାଷୀଙ୍କ ପାଇଁ ରିହାତି ସୁଧ ହାରରେ ଋଣ ଆଣି ରାଜ୍ୟରେ ଥିବା ୨୭୮୦ଟି ପ୍ରାଥମିକ ସମବାୟ ସଂସ୍ଥା ମାଧ୍ୟମରେ କୃଷି ଋଣ ପ୍ରଦାନ କରିଥାଏ । । ରାଜ୍ୟ ସରକାର ରବି ଓ ଖରିଫ ଫସଲ ପାଇଁ  ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ୨୦୧୦ ମସିହାରୁ ସଂଯୁକ୍ତ ଚାଷୀ ଗୋଷ୍ଠୀ (ଜେଏଲଜି)ଙ୍କ ମାଧ୍ୟମରେ ଚାଷୀମାନଙ୍କୁ ଯେତିକି ଋଣ ପ୍ରଦାନ କରାଯାଇଥିଲା, ତାହାର ୭୦ ଭାଗ ଅର୍ଥ ହେରଫେର ହୋଇଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ତାଳରୁ ତଳିପା ଯାଏଁ ଗ୍ରାସ କରିଛି । ପୂର୍ବରୁ ଓଡିଶା ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତୁଷାରକାନ୍ତି ପଣ୍ଡା ବିଭିନ୍ନ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହିଥିବାର ପ୍ରମାଣ ମିଳିଛି । ମୁଖ୍ୟ ଶାସନ ସଚିବ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ବି ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏପରିକି ସମବାୟ ବ୍ୟାଂକର ଗତ ବୋର୍ଡର ନିର୍ଦ୍ଦେଶକମାନେ ଶ୍ରୀ ପଣ୍ଡାଙ୍କ ନାମରେ କରିଥିବା କଂପ୍ୟୁଟର କିଣାରେ ୩୫ କୋଟି ଟଙ୍କାର ଦୁର୍ନୀତିର ଅଭିଯୋଗକୁ ରାଜ୍ୟ ସରକାର ଘଂଟ ଘୋଡାଇ ରଖିଥିଲେ । ତେବେ ଓଡିଶା ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କ ଅବସର ପରେ ମଧ୍ୟ ତାଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ କେଉଁ ଗଡଫାଦର ନିର୍ଦ୍ଦେଶ ଦେଇଥିଲେ ରାଜ୍ୟସରକାର ତାହା ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ସମବାୟ ବିଭାଗରେ କେତେ ଦୁର୍ନୀତି ହୋଇଛି ରାଜ୍ୟସରକାର ସ୍ପଷ୍ଟ ନକରି ତୁଷାର ପଣ୍ଡା ଗଣମାଧ୍ୟମରେ ସ୍ପଷ୍ଟିକରଣ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାରଙ୍କ ଅଧିନରେ ଥିବା ସମବାୟ ବିଭାଗର ଅଡିଟ କରୁଥିବା ଏଜିସିଏସଙ୍କ ଗତ ୨୦୧୦ରୁ ୨୦୧୮ ମସିହା ଯାଏଁ ୮ ବର୍ଷର ରିପୋର୍ଟକୁ ସର୍ବସାଧାରଣ କରିବା ପାଇଁ ଶ୍ରୀ ମହାନ୍ତି ଦାବି କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**